## ସଂକ୍ଷେପରେ

### ହସ୍ତକଳା, ବିଜ୍ଞାନ ପ୍ରଦର୍ଶନୀ



**ଚାନ୍ଦବାଲି, ୩୧।୧ (ଡି.ଏନ.ଏ.):** ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲରେ ଚିତ୍ରାଙ୍କନ, ହସ୍ତକଳା, ରଙ୍ଗୋଲି, ଗଣିତ, ବିଜ୍ଞାନ ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନରେ ୩୫, ଗଣିତରେ ୧୫ ଷ୍ଟଲ ପଡ଼ିଥିବା ବେଳେ ୪୦ ଜଣ ରଙ୍ଗୋଲି, ୪୮ ଜଣ ହସ୍ତଶିଳ୍ପ ଏବଂ ୫୨ ଛାତ୍ରୀଛାତ୍ର ପୁଷ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସ୍କୁଲ ଚେୟାରମ୍ୟାନ ସୁଧୀର ମହାନ୍ତିଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ ମୁଖ୍ୟଅତିଥି, ଦାଖା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ ସମ୍ମାନିତ ଅତିଥି, ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ସାହୁ ମୁଖ୍ୟବକ୍ତା ଏବଂ ଇକୋ କ୍ଲବ ସଂଯୋଜକ ଅନୀଲ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧକ୍ଷ ବିଶ୍ୱନାଥ ନାୟକ ପ୍ରଦର୍ଶନୀ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

### ମୋ ବିଦ୍ୟାଳୟ କାର୍ଯ୍ୟକ୍ରମ



**ଭଣ୍ଡାରିପୋଖରୀ, ୩୧।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ବଳଦେବଜୀଉ ହାଇସ୍କୁଲଠାରେ ମୋ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଓ ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାକର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ବାଳମୁକୁଳ ଦଳେଇ, ଗୌରାଙ୍ଗ ଚରଣ ଜେନା ବିଦ୍ୟାଳୟର ଉନ୍ନତି ଓ ଶୈକ୍ଷିକ ପରିବେଶ ପାଇଁ ସଂକଳ୍ପବଦ୍ଧ ହେବା ସହ ବଳିଷ୍ଠ ସହଯୋଗ ଲାଗି ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟରେ ସାଂସ୍କୃତିକ ମଣ୍ଡପ, ପୋଖରୀ ପଙ୍କ ଉଦ୍ଧାର, ପ୍ରାର୍ଥନା ମଣ୍ଡପ, ଅଫିସ ଓ କମନରୁମ୍ ଛାତର ପୁନଃନିର୍ମାଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ସୁଧାକର ଦାଶ, ବାଳମୁକୁଳ ଦଳେଇ ଓ ଗୌରାଙ୍ଗ ଜେନାଙ୍କୁ ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ କରିଥିଲେ। ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦାମୋଦର ଶତପଧୀ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଜିଲା ପରିଷଦ ସଭ୍ୟାଙ୍କୁ ଦୁର୍ବ୍ୟବହାର ଘଟଣା

# '୨ ବିଧାୟକ କ୍ଷମା ପ୍ରାର୍ଥନା କରନ୍ତୁ'

**ଭଦ୍ରକ ଅଫିସ, ୩୧।୧**

ବୈଠକରେ ଜିଲା ପରିଷଦ ସଭ୍ୟାଙ୍କୁ ଦୁର୍ବ୍ୟବହାର ଘଟଣାରେ ୨ ବିଧାୟକ କ୍ଷମା ପ୍ରାର୍ଥନା କରନ୍ତୁ। ନ ହେଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଦଳର ଜିଲା ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ବୁଧବାର ଜିଲା ପରିଷଦ ବୈଠକ ଚାଲିଥିବା ବେଳେ ଜିଲା ପରିଷଦ ସଭ୍ୟାଙ୍କୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଅଶୋଭନୀୟ ଆଚରଣ କରି ଗେଟ୍‌ଆଉଟ୍ ଓ ଗୃହରୁ ବହିଷ୍କାର ପାଇଁ ମନ୍ତବ୍ୟ ଦେବାକୁ ନିନ୍ଦା କରି ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳ ସମାଲୋଚନା କରିଥିଲେ। ଦୁଇ ବିଧାୟକଙ୍କ ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଣୁ ତୁରନ୍ତ ୨ ବିଧାୟକ ସେମାନଙ୍କ ଅଶୋଭନୀୟ ଆଚରଣ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଜିଲା ସଭାପତି ଧଳଙ୍କ ସମେତ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ସଭ୍ୟା ଉମାମଣି ସାହୁ, ସଭ୍ୟ ମନୋଜ ମଲିକ, ସୁରଥ ସେଠୀ, ବରିଷ୍ଠ ନେତା ଡ. ପ୍ରଦୀପ ନାୟକ, ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ସମ୍ପାଦକ ମାଳତୀ ସାହୁ, ଆଇନଜୀବୀ ମନୋରମା ରାଉତ ପ୍ରମୁଖ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ସାମଲ, ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠ ସାହୁ, ଅମ୍ବିକା ଦାସ ଓ ଚତୁର୍ଭୁଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲା ପରିଷଦ ସଭ୍ୟା ସ୍ୱାଇଁ ଏ ନେଇ ବୁଧବାର ୨ ବିଧାୟକଙ୍କ ନାଁରେ ଟାଉନ ଥାନାରେ ଏତଲା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

## ଭିଡିଓ କନଫରେନ୍ସିଂରେ ୨ କେନ୍ଦ୍ରମନ୍ତ୍ରୀଙ୍କ ସହ କଥା ହେଲେ ମହିଳା ଉପଭୋକ୍ତା

**ବାସୁଦେବପୁର, ୩୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ଇରମ ମେଳନ ପଡ଼ିଆରେ ଆଇଓସିଏଲ, ଏଚ୍‌ପିସି ଓ ବିପିସି କମ୍ପାନୀ ଆୟୋଜନରେ ଭାରତ ଗ୍ୟାସ୍ ଓ ଶ୍ରୀ ଗ୍ୟାସ୍ ସହଯୋଗରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇ ଗ୍ୟାସ୍ ପାଇଥିବା ମହିଳା ଉପଭୋକ୍ତା ଉର୍ମିଳା ମଲିକ ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ହସ୍ତତନ୍ତ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ସ୍ମୃତି ଇରାନିଙ୍କ ସହ କଥା ହୋଇଥିଲେ। ଉଜ୍ଜ୍ୱଳା ଯୋଜନାରେ ଉର୍ମିଳା ପାଇଥିବା ଉପକାର ସମ୍ପର୍କରେ ୨ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ। ସିଜିଏମ୍ ତଥା ରାଜ୍ୟ ସଂଯୋଜକ ପ୍ରୀତିଶ ଭାରତ, ଆଇଓସିଏଲ୍‌ର ଜେନେରାଲ ମ୍ୟାନେଜର ଏସ୍. କେ ଓଝା, ଏନ୍. ଆର୍ ଦାସଙ୍କ ସମେତ ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା ଉପସଭାପତି ଅଶୋକ ସାହୁ, ନିର୍ମଳ ପଣ୍ଡା, ଧିରେନ୍ଦ୍ର ମହାନ୍ତି, କୈଳାସ ପଣ୍ଡା, ଦେବସ୍ୱରୂପ ଧନୀ, ଅଭୟ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ୫ ଶହରୁ ଉର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## 'ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ମହେଶ୍ୱର'



ଅତିଥିମାନେ ସ୍ମରଣିକା 'ମହେଶ୍ୱରାୟନ' ଉନ୍ମୋଚନ କରୁଛନ୍ତି।

**ପଦ୍ମପୁର, ୩୧।୧ (ଡି.ଏନ.ଏ.)**

ଭଦ୍ରକ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସ୍ୱର୍ଗତ ମହେଶ୍ୱର ଦାସ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ସାହାଡ଼ାରେ ତାଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଯୋଗ ଦେଇଥିବା ମୁଖ୍ୟଅତିଥି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଥିଲେ। ଡା. ଶଶଧର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକଙ୍କ ପ୍ରତିନିଧି ରାଧାକାନ୍ତ ସାମଲ ସ୍ୱତନ୍ତ୍ର ଅତିଥି ଏବଂ ଡା. ଦୁର୍ଯ୍ୟୋଧନ ଦାସ, ଡା. ରାଧାରାଣୀ ମହାପାତ୍ର, ଭଦ୍ରକ ପୌରପାଳିକାର କାଉନସିଲର ଦୁର୍ଗାପ୍ରସନ୍ନ ଦାସ, ଯୁବ ଉଦ୍ୟୋଗୀ ସଞ୍ଜୀବ କୁମାର ମଲିକ, ଅଭୟ କୁମାର ସେଠୀ, କବି ଅଶୋକ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅବିଭକ୍ତ ସାବରଙ୍ଗ, ସାହାଡ଼ା ପଞ୍ଚାୟତର ସରପଞ୍ଚ ଓ ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ଭାବେ ମହେଶ୍ୱର ଅଞ୍ଚଳର ବିକାଶ ପାଇଁ ବହୁ ଜନକଲ୍ୟାଣ କାର୍ଯ୍ୟ କରିଥିଲେ। ସାବରଙ୍ଗ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଲାଲାଜୀ ଉଚ୍ଚ ବିଦ୍ୟାଳୟ, ଧନନ୍ତରୀ ନଦୀରେ ପୋଲ, ଡାକ୍ତରଖାନା, ଡାକବଙ୍ଗଳା ଆଦି ନିର୍ମାଣରେ ସେ କର୍ଣ୍ଣଧାର ସାଜି ଅଞ୍ଚଳ ପାଇଁ ବିକାଶ ଆଣିଥିଲେ ବୋଲି ମନ୍ତ୍ରୀ ସାମଲ କହିଥିଲେ। ଏହି ଅବସରରେ ତାଙ୍କର ସ୍ମୃତି ଅନୁଭୂତିକୁ ନେଇ ସ୍ମରଣିକା 'ମହେଶ୍ୱରାୟନ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ବାଲୁକା ଶିଳ୍ପୀ ଟୁନା ବେହେରାଙ୍କ ଦ୍ୱାରା ସ୍ୱର୍ଗତ ମହେଶ୍ୱରଙ୍କ ଏକ ବାଲୁକା କଳାକୃତି କରାଯାଇଥିଲା।

# ଆଶାକର୍ମୀ ସଂଘର ବିକ୍ଷୋଭ

**ଭଦ୍ରକ ଅଫିସ, ୩୧।୧**

ଭାରତୀୟ ମଜ୍‌ଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପ୍ରଥମେ ବାଲଗୋପାଳ ମନ୍ଦିର ସଭାଗୃହରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ଜିଲା ସଭାନେତ୍ରୀ କନକଲତା ସୂତାର ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଭାରତୀୟ ମଜ୍‌ଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ ଯୋଗଦେଇ ଆଶାମାନଙ୍କ ସମସ୍ୟା ଏବଂ ଏହାର ସମାଧାନ କ୍ଷେତ୍ରରେ ସରକାରଙ୍କ ଉଦାସୀନତା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକ ପରେ ଆଶାକର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଆଶାକର୍ମୀଙ୍କୁ ସର୍ବନିମ୍ନ ମାସିକ ବେତନ ୧୮ ହଜାର ଟଙ୍କା, ଆଶା ସାଥୀଙ୍କୁ ମାସିକ ୨୪ ହଜାର ଟଙ୍କା ବେତନ, ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ସାମାଜିକ ସୁରକ୍ଷା, ଅବସରକାଳୀନ ସୁବିଧା ବାବଦ ଏକକାଳୀନ ୫ ଲକ୍ଷ ଟଙ୍କା, ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ଟଙ୍କା ଆଦି ଦାବି କରାଯାଇଛି।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପଙ୍କଜିନୀ ସେଠୀ, ପ୍ରତିଭା ମହୁରୀ, କନକଲତା ଯେନା, ବାସନ୍ତୀଲତା ଦାସ, ଦମୟନ୍ତୀ ମିଶ୍ର, ପଦ୍ମାବତୀ ରାଉଳ, ପୂର୍ଣ୍ଣିମା ମହାପାତ୍ର, ନିରୁପମା ପତ୍ରୀ, ସ୍ୱର୍ଣ୍ଣଲତା ବେହେରା, ଆରତି ପଣ୍ଡା ଓ ପାର୍ବତୀ ଯେନା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ବିଦାୟ ସମ୍ବର୍ଦ୍ଧନା

**ବନ୍ତ, ୩୧।୧ (ଡି.ଏନ.ଏ.)**

ବନ୍ତ ବ୍ଲକ ନିଳୋକ ହାଇସ୍କୁଲର ୪ର୍ଥ ଶ୍ରେଣୀ କର୍ମଚାରୀ ଉପେନ୍ଦ୍ର ମିଶ୍ର, ବେଗନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ବାରିକ, ସଖିପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପେଡାଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଓଷ୍ଟାର ବ୍ଲକ ଶାଖା ଓ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏବିଇଓ ସୁରଥ ସାହୁ, ଓଷ୍ଟାର ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମଚନ୍ଦ୍ର ଜେନା, ସମ୍ପାଦକ ଧର୍ମେନ୍ଦ୍ର ଜେନା, ଅଭୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୋଭେନ୍ଦ୍ର ମାଝି, ସୁଧାକର ପଣ୍ଡା, ସନାତନ ନାୟକ, ସୁରଜିତା ବାଇ ପ୍ରମୁଖ ଉପସ୍ଥିତ ଥିଲେ।




# ଭାଜପାର ଜନପ୍ରତିବାଦ ସମାବେଶ

**ଧାମନଗର ୩୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗରଠାରେ ଭାଜପା ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଆନ୍ଦୋଳନ ଡାକରାରେ ଜନପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିଙ୍କ ସ୍ୱାଧୀନତାକୁ କ୍ଷୁଣ୍ଣ କରାଯାଇ ଶାସକ ଦଳ ଏବଂ ବ୍ଲକ ପ୍ରଶାସନ ଅଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟ କରୁଥିବା ଅଭିଯୋଗରେ ପ୍ରତିବାଦ ସମାବେଶ ହୋଇଥିଲା। ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ଯୋଗଦେଇ ସାଧାରଣ ଭୋଟରଙ୍କ ସମର୍ଥନରେ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ଭାବେ ନିର୍ବାଚିତ ପ୍ରତିନିଧିଙ୍କୁ ସରକାରୀ ଉନ୍ନୟନ କାର୍ଯ୍ୟରେ ଅଣଦେଖା କରାଯିବା ଏବଂ ସେମାନଙ୍କୁ ନିଜ ଭୂମିକାରେ ସାମିଲ ନ କରିବା ଦୁର୍ଭାଗ୍ୟଜନକ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଧାମନଗର ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଭାଜପାର ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ପ୍ରାକ୍ତନ ବ୍ଲକ ଅଧକ୍ଷ ଭାସ୍କର ସାହୁ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ଅସୁରାଳି ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ଦୋବଲ ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ମିଡିଆ ସେଲ୍ ସଂଯୋଜକ ବୈକୁଣ୍ଠନାଥ ସାହୁ, ସରପଞ୍ଚ ଭାବେ ଡା. ନିମାଇଁ ନାୟକ, ଗୟାଧର ନାୟକ ପ୍ରମୁଖ ଯୋଗଦେଇ ବ୍ଲକ ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ଅଗଣତାନ୍ତ୍ରିକ ବୋଲି କହି ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜୀବ ନାୟକ, ରାଜେନ୍ଦ୍ର ସାହୁ, ପ୍ରଫୁଲ୍ଲ ପାତ୍ର, ଅନିରୁଦ୍ଧ ସାହୁ, ବିରେନ୍ଦ୍ର ବାରିକ, ପ୍ରମୋଦ ସୂତାର, ଅମର ବେହେରା, ଧାମନଗର ମଣ୍ଡଳ ସଭାପତି ଭାବେ ଆଇନଜୀବୀ ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, ଅଜୟ ବଳ, ସଦାଶିବ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ଯୋଗ ଦେଇଥିଲେ। ଶ୍ରୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।




## ପୁରସ୍କାର ବିତରଣ ଉତ୍ସବ

**ଚାନ୍ଦବାଲି, ୩୧।୧ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ନଳଗୋହିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୯ମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷାବିତ୍ ସଦାଶିବ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଳି କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ଅର୍ଜୁନ ଚରଣ ବିଶ୍ୱାଳ, ଏଲ୍‌ଆଇସି କଟକ ମଣ୍ଡଳର ଡିଓ ଅକ୍ଷୟ କୁମାର ରାଉତରାୟ, କ୍ରେଡେନସିଆଲ ବିଜ୍ଞାନ ଓ ବାଣିଜ୍ୟ କଲେଜର ଚେୟାରମ୍ୟାନ ଧନଞ୍ଜୟ ବେହୁରିଆ, ଅଧକ୍ଷ ସଞ୍ଜୟ କୁମାର ନାୟକ, ସିଆର୍‌ସିସି ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଶିକ୍ଷକ ଅତିଶ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମବାୟ ସମିତିରେ ଋଣ ଆଦାୟ ମେଳା, ବାର୍ଷିକ ବୈଠକ

**ଭଣ୍ଡାରିପୋଖରୀ, ୩୧।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ଜଳମଣ୍ଡୁଆ ସମବାୟ ସମିତିର ଋଣ ଆଦାୟ ମେଳା ଓ ବାର୍ଷିକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ ଖିଲାର ଅଧକ୍ଷତା କରିଥିଲେ। ସମ୍ପାଦକ ଜୟନ୍ତ ଭୋଇ ବାର୍ଷିକ ବିବରଣୀ ପାଠ ସହ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକ ନିର୍ମଳ ସେଠୀ, ସମବାୟ ସହନିବନ୍ଧକ ନିରଞ୍ଜନ ମାଝି, ରାଜେନ୍ଦ୍ର ଖଣ୍ଡାୟୀ, ପିନାକୀ ଦାସ, ଜୟନ୍ତ ସାହୁ, ସରପଞ୍ଚ ଜଗବନ୍ଧୁ ଦାସ, ମୁକ୍ତିକାନ୍ତ ଜେନା, ଭିକାରୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଧନେଶ୍ୱର ବିଶ୍ୱାଳ, ଅମରେନ୍ଦ୍ର ଥାଟୋଇ, ଭାସ୍କର ଜେନା ପ୍ରମୁଖ ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ। ସମିତିରେ ଧାନକ୍ରୟ ଏବଂ ଡାଟାଏଣ୍ଟ୍ରି ଅପରେଟର ସମ୍ପର୍କରେ ଆଲୋଚନା କରାଯାଇଥିଲା। ରିପୋର୍ଟ ଲେଖା ଯିବା ସୁଦ୍ଧା ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୧୨ଲକ୍ଷ ଟଙ୍କା ଋଣ ପରିଶୋଧ କରିଥିଲେ।

CLASSIFIED DISPLAY


















## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

**ନୀଳଗିରି, ୩୧।୧(ଡି.ଏନ.ଏ.):** ନୀଳଗିରି ଥାନା ଅଧିନ ସିଙ୍ଗିର ଗାଁର ଜଣେ ଯୁବତୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୧୯) ରୁଜୁ କରି ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି ବୋଲି ଥାନାଧିକାରୀ କହିଛନ୍ତି। ଅପରାହ୍ନରେ ଯୁବତୀ ଜଣଙ୍କୁ ଶୌଚାଳୟରୁ ଗୁରୁତର ଅବସ୍ଥାରେ ଦେଖି ଲୋକେ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

### ବେକାର ସିଟି, ବିଏଡ୍ ସଂଘର ବୈଠକ

**ଖଇରା, ୩୧।୧ (ଡି.ଏନ.ଏ.):** ଅଖିଳ ଓଡିଶା ସିଟି ବିଏଡ୍ ସଂଘର ଏକ ବୈଠକ ଶୁକ୍ରବାର ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ କୁମାର ପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ୧୯୯୦ ମସିହାରୁ ୨ହଜାର ମଧରେ ଥିବା ତାଲିମପ୍ରାପ୍ତ ବେକାର ସିଟିବିଏଡ୍‌ମାନଙ୍କୁ ସରକାର ନିଯୁକ୍ତି ଦେବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ଅଦ୍ୟାବଧି ପାଳନ କରାଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଓ ଶିକ୍ଷାମନ୍ତ୍ରୀ ଆଲୋଚନା କରି ନିଯୁକ୍ତ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆଗାମୀ ନିର୍ବାଚନ ପୂର୍ବରୁ ସରକାର ଏଥିପ୍ରତି ଧାନ ନ ଦିଅନ୍ତି ଏହି ବେକାରୀ ପିଲା ଓ ତାଙ୍କ ପରିବାର ସରକାରଙ୍କ ବିରୋଧରେ ଉଚିତ୍ ଜବାବ ଦେବେ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ ବିଦ୍ୟାଧର ଶତ୍‌ପଥି, ରବୀନ୍ଦ୍ର ବିଶ୍ୱାଳ, ଅନାଦି ପଲେଇ, ରତ୍ନମଣୀ ଗିରି, ପ୍ରମୋଦିନୀ ପାତ୍ର ଓ ଭଗବାନ ବୈଶାଖ ପ୍ରମୁଖ ଉପସ୍ଥିତ ଥିଲେ।

### ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଖଇରା, ୩୧।୧(ଡି.ଏନ.ଏ.):** ଖଇରା ବ୍ଲକ୍ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମିଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଉମେଶ ଚନ୍ଦ୍ର ନାୟକ, ଓଡିଆ ଭାଷା ସଂସ୍କୃତି ଜାଗରଣ ମଞ୍ଚର ରାଜ୍ୟ ସଭାପତି ଜୈନୁଲ ଆବେଦିନ୍, ଏବିଇଓ ସୁଦର୍ଶନ ରାଉତ, ହରେକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଦୀନବନ୍ଧୁ ଖଟୁଆ, ଆଗରପଡା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଈଶ୍ୱର କୁମାର ସାହୁ, ନହଙ୍ଗ କ୍ଲଷ୍ଟର ସିଆରସିସି ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧକ୍ଷା ଜୟନ୍ତୀ ମହଲା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଶୁଭଶ୍ରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବେଦପାଠ ମୀନତୀ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର କ୍ରୀଡା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋସ୍ନାରାଣୀ ନାୟକ ଧନ୍ୟବାଦ ଦେଇଥିଲେ।

### ବାର୍ଷିକ ଉତ୍ସବ ପାଳନ

**ରୂପ୍‌ସା,୩୧।୧(ଡି.ଏନ.ଏ.):** ରୂପ୍‌ସା ମହାପାତ୍ର ହାଇସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧାପିକା ରେଣୁବାଳା ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାରବାନ ହେବା ଦିଗରେ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶକ୍ଷକ ଅନନ୍ତ କୁମାର ସାହୁ, ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ସିଆରସିସି ମାୟାଧର ବେହେରା, ପ୍ରାକ୍ତନ ଛାତ୍ର ସଂଘ ସଭାପତି ସୁଧାକର ଗିରି ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ନବ ନିର୍ମିତ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସଂଘର ସଭାପତି ସୁଧାକର ଗିରି ଉନ୍ମୋଚନ କରିଥିଲେ।

## ■ ଶିଶୁ ପ୍ରତିଭା ବିକାଶ ମହୋତ୍ସବର ଦ୍ୱିତୀୟ ଦିବସ

# 'କଳା ଓ ସଂସ୍କୃତି ମାଧ୍ୟମରେ ଭାଇଚାରା ସୃଷ୍ଟି ହୁଏ'

**ବାହାନଗା, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜୁଣିଆଁ ଠାରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଥିବା ୪ର୍ଥ ଶିଶୁ ପ୍ରତିଭା ବିକାଶ ମହୋତ୍ସବର ଦ୍ୱିତୀୟ ଦିବସ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟିର ସଭାପତି ଶଙ୍କର୍ଷଣ ଶିଅଳ। କାର୍ଯ୍ୟକାରି ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଦୂରର୍ଦଶନର ଆଧାତ୍ମିକ ଧାରାବାହିକର ସୁପ୍ରସିଦ୍ଧ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ ବ୍ୟଙ୍ଗକବି ଜ୍ଞାନ ହୋତା ଯୋଗ ଦେଇ ଶିଶୁ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏଭଳି ଏକ ମହୋତ୍ସବ ପରିକଳ୍ପନା କରାଯାଇ ତାହା ବାସ୍ତବରେ ପରିଣତ କରିଥିବାରୁ ସେ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ମହୋତ୍ସବ ଦ୍ୱାରା ବିଭିନ୍ନ ଅଞ୍ଚଳର କଳା ଓ ସଂସ୍କୃତି ମଧ୍ୟରେ ଭାଇଚାରା ସୃଷ୍ଟି ହୋଇ ଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲିଉଡ ଜଗତର ଲୋକ ପ୍ରିୟ କଳାକାର ଜ୍ଞାନ ରଞ୍ଜନ ବିଶ୍ୱାଳ, ପାର୍ଶ୍ୱ ଅଭିନେତା ଜ୍ଞାନ ରଞ୍ଜନ ସାହୁ, ଖଳନାୟକ ରବି ଶତପଥୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ମୁଖ୍ୟବକ୍ତା ଜ୍ଞାନ ହୋତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଜୟ ମହାପାତ୍ର, ଭାଗବତ ମହାନ୍ତି, ଯୋଗେନ୍ଦ୍ର ପାଣିଗ୍ରାହୀ, ଲୋକ ନାଥ ମଲ୍ଲିକ, ଶଙ୍କର୍ଷଣ ଶିଅଳ, ଅମୃତାଂଶୁ ପଣ୍ଡା, ରୋନା ରିଶା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଶିକ୍ଷା କେନ୍ଦ୍ର ଗୁଡ଼ିକରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।



ମହୋତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।


ଜଳବାୟୁ ପରିବର୍ତ୍ତନ ପ୍ରଶିକ୍ଷଣ କର୍ମଶାଳାରେ ଅତିଥି।

## ଜଳବାୟୁ ପରିବର୍ତ୍ତନ ପ୍ରଶିକ୍ଷଣ କର୍ମଶାଳା

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଜଳବାୟୁ ପରିବର୍ତ୍ତନ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସହାୟତାରେ ଜଳବାୟୁ ପରିବର୍ତ୍ତନ ସେଲ, ଜଙ୍ଗଲ ଓ ପରିବେଶ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜଳବାୟୁ ଓ ମୃତ୍ତିକା ପ୍ରଦୂଷିତ ହେଲେ ପ୍ରକୃତି ଉପରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ରାଜ୍ୟ ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗର ବୈଜ୍ଞାନିକ ଡ. କୃଷ୍ଣ ଚନ୍ଦ୍ର ପାଲ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ବନ ସଂରକ୍ଷକ ବିଜୟ କୁମାର ପଣ୍ଡା, ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପ୍ରଶିକ୍ଷଣ ସ୍ଲାଇଡ୍ ମାଧ୍ୟମରେ ବିଭିନ୍ନ ଉପଯୋଗୀ ତଥ୍ୟମାନ ଉପସ୍ଥାପନ କରିଥିଲେ। ସବୁଜବାହିନୀ ମାଷ୍ଟରଟ୍ରେନର କୃତ୍ତିବାସ ଚନ୍ଦ୍ର ବେଜ ଓ ଦେବେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅମିତ କୁମାର ମହାନ୍ତି, ମୋନାଲିସା କର ଏବଂ ସ୍ୱାଗତିକା ପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶିକ୍ଷଣରେ ସମ୍ପୃକ୍ତ ବିଭାଗର ପଦାଧିକାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

## ସ୍ୱାଭାବିକ ହେଲା ରେମୁଣା, ଖୋଲିଲା ଦୋକାନ ବଜାର

**ରେମୁଣା,୩୧।୧(ଡି.ଏନ.ଏ.)**

ରେମୁଣା ମହୋତ୍ସବର ୫ମ ସନ୍ଧ୍ୟାରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣା ଏବଂ ଏନେଇ ଦେଖାଦେଇଥିବା ଉତ୍ତେଜନା କମିଛି। ପୁଲିସ ପ୍ରଶାସନ ପକ୍ଷରୁ ରେମୁଣାର ସମସ୍ତ ଦୋକାନ ବଜାର ବନ୍ଦ କରିଦିଆଯାଇଥିବାବେଳେ ଗୁରୁବାର ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। କୌଣସିଠାରେ କୌଣସି ପ୍ରକାର ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ତଥାପି ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୋଲିସ ମୁତୟନ କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି। ଇତିମଧ୍ୟରେ ସେଦିନ ଘଟଣାକୁ ନେଇ ଉଭୟ ପକ୍ଷରୁ ଅଭିଯୋଗ ପରେ ଥାନାରେ ୧୧ ଓ ୧୨ ନମ୍ବରରେ ୨ଟି ମାମଲା ରୁଜୁ ହୋଇଛି। ଏଥିରେ ୨୭ଜଣଙ୍କୁ ଅଭିଯୁକ୍ତଭାବେ ଦର୍ଶାଯାଇଛି। ବୁଧବାର ରେମୁଣା ବ୍ଲକ ପରିସରରେ ରେମୁଣା ଥାନାରେ ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ମହୋତ୍ସବ କମିଟି, ଉଭୟ ପକ୍ଷର ମୁରବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବସି ଶାନ୍ତି ବଜାୟ ରଖିବା ପାଇଁ ଆଲୋଚନା କରିବା ସହିତ ମହୋତ୍ସବ ଚାଲୁ ରଖିବା ପାଇଁ ସହମତି ପ୍ରକାଶ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସଙ୍କେତ ଦିଆଯାଇନାହିଁ। ମହୋତ୍ସବ ପଡିଆରେ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ବନ୍ଦ ରହିଛି।

## ଡଗରା ବେଳାଭୂମି ସଫେଇ

**ବାଲିଆପାଳ, ୩୧।୧(ଡି.ଏନ.ଏ.):** ବାଲିଆପାଳ ବ୍ଲକ ବୋଲଂସ୍ଥିତ ଈଶ୍ୱର ଚନ୍ଦ୍ର ନୋଡାଲ ହାଇସ୍କୁଲ ପକ୍ଷରୁ ଡଗରା ବେଳାଭୂମିରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କାଉଟ ଓ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ବେଳାଭୂମିରେ ଅଳିଆ ଆର୍ବଜନା, ପ୍ଲାଷ୍ଟିକ ବୋତଲ ଆଦି ଏକାଠି କରି ପୋଡି ଦେଇଥିଲେ। ଡଗରା ଏକ ପର୍ଯ୍ୟଟନ କେନ୍ଦ୍ର ହୋଇଥିବାରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ମାତ୍ର କେହି ପରିଷ୍କାର କରନ୍ତି ନାହିଁ। ସ୍କୁଲର ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଫେଇ ହୋଇଥିଲା।

## ବ୍ରାକନ୍ ଏକ୍ସପୋ-୨୦୧୯ରେ ଅଞ୍ଜନ ପୁରସ୍କୃତ

**ବାଲେଶ୍ୱର ଅଫିସ,୩୧।୧**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସାହାଡ଼ା ଗ୍ରାମର ମାଛଚାଷ କେନ୍ଦ୍ର 'ଦଣ୍ଡପାଟ ଆକ୍ୱାଷ୍ଟିକ୍'ର ମାଲିକ ଅଞ୍ଜନ ଦଣ୍ଡପାଟଙ୍କୁ ଚେନ୍ନାଇ ସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ବ୍ରାକିଜ୍ ୱାଟର ଆକ୍ୱାକଲଚର୍ (ଶିବା)ରେ ଆୟୋଜିତ ମାଛଚାଷୀ ସମ୍ମିଳନୀ 'ବ୍ରାକନ୍ ଏକ୍ସପୋ-୨୦୧୯'ରେ ଉନ୍ନତ ଜ୍ଞାନ, କୌଶଳ ଏବଂ ଉନ୍ନତ ପ୍ରଜାତିର ମାଛଚାଷ ପ୍ରଣାଳୀ ପାଇଁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ଏହି ଜାତୀୟସ୍ତରୀୟ ସମ୍ମିଳନୀରୁ ଓଡ଼ିଶାରୁ ଯୋଗଦେଇଥିବା ୨୬ଜଣ ଚାଷୀଙ୍କ ମଧ୍ୟରୁ ଅଞ୍ଜନ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଗତ ଜାନୁୟାରୀ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ 'ବ୍ରାକନ୍ ଏକ୍ସପୋ-୨୦୧୯'ରେ ଦେଶରୁ ୩ହଜାରରୁ ଉର୍ଦ୍ଧ୍ୱ ମାଛଚାଷୀ ଯୋଗଦେଇଥିଲେ। ଉନ୍ନତ ଜ୍ଞାନକୌଶଳ ଏବଂ ନୂତନ ପ୍ରଜାତିର ମାଛ ଚାଷ ପାଇଁ ଆଲୋଚନା ଏବଂ ପ୍ରଶିକ୍ଷଣ ଉପସ୍ଥିତ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା। ଅଞ୍ଜନ ଦଣ୍ଡପାଟଙ୍କର ନିଜସ୍ୱ ଫାର୍ମରେ ବହୁପ୍ରକାରର ନୂତନ ପ୍ରଜାତିର ମାଛ ଉନ୍ନତ ଜ୍ଞାନକୌଶଳରେ ଚାଷ କରାଯାଉଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ଆଗ୍ରିକଲଚର ରିସର୍ଚ୍ଚର ଡେପୁଟି ଡାଇରେକ୍ଟର ଜେନେରାଲ ଜୟକୃଷ୍ଣ ଜେନା ଏବଂ ଶିବାର ପ୍ରିନ୍ସପାଲ ସାଇଣ୍ଟିଷ୍ଟ ଅକ୍ଷୟ କୁମାର ପାଣିଗ୍ରାହୀ ଏହି ସ୍ୱତନ୍ତ୍ର ପୁରସ୍କାର ଅଞ୍ଜନଙ୍କୁ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲା ୩ବର୍ଷ ଧରି କମ୍ ଜମି ଉପରେ ଅଧିକ ମାଛ ଉତ୍ପାଦନ କରି ରାଜ୍ୟରେ ପ୍ରଥମସ୍ଥାନ ବଜାୟ ରଖିଥିବା ବେଳେ ଅଞ୍ଜନଙ୍କର ଏହି କୃତିତ୍ୱ ଅନ୍ୟ ମାଛଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଜିଲା ମତ୍ସ୍ୟାଧିକାରୀ ରବିନାରାୟଣ ପଟ୍ଟନାୟକ ପ୍ରକାଶ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଅତିଥିଙ୍କ ଠାରୁ ଅଞ୍ଜନ ଦଣ୍ଡପାଟ ସ୍ୱତନ୍ତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

## ଗୋପ ନାରାୟଣ ଜେନା ବିଜେଡି ବ୍ଲକ ମିଡିଆ ସଂଯୋଜକ

**ବାଲିଆପାଳ, ୩୧।୧(ଡି.ଏନ.ଏ.)**

ବାଲିଆପାଳ ଶ୍ରୀରାମପୁର ଗ୍ରାମର ଖବରଦାତା ତଥା ସଙ୍ଗଠକ ଗୋପନାରାୟଣ ଜେନା ଏବେ ବିଜେଡି ବ୍ଲକ ମିଡିଆ ସଂଯୋଜକ ହୋଇଛନ୍ତି। ବାଲେଶ୍ୱର ଏମ୍‌ପି, ବସ୍ତାବିଧାୟକଙ୍କ ଅନୁମୋଦନ କ୍ରମେ ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଶୁଭେନ୍ଦୁ ମଙ୍ଗରାଜ ଗୋପ ନାରାୟଣଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ପାଇଁ ସେ ଏମ୍‌ପି ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ନେତା ବଳରାମ ସାହୁ, ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସୋର, ୩୧।୧(ଡି.ଏନ୍.ଏ.):** ସୋର ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତରେ ୨୦୧୭-୧୮ ବର୍ଷପାଇଁ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ଚତୁର୍ଥ ରାଜ୍ୟ ଅର୍ଥ କମିଶନର ବାର୍ଷିକ ପ୍ରକଳ୍ପ ତାଲିକାକୁ ବେଆଇନ୍ ଭାବେ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ କରି ନାଏବ ସରପଞ୍ଚ ମୁକ୍ତିକାନ୍ତ ଜେନାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ପଞ୍ଚାୟତର ୱାର୍ଡ ମେମ୍ବରମାନେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗର ଚିଠି ନଂ ୧୩୭୭୨, ୨୦-୮-୧୫ତାରିଖ ଅନୁଯାୟୀ ୨୦୧୭-୧୮ ବର୍ଷ ପାଇଁ ଏହି ଦୁଇ ଅର୍ଥ କମିଶନର କୌଣସି ପ୍ରକଳ୍ପ ତାଲିକା ଭୁକ୍ତ ପଞ୍ଚାୟତରେ ଅନୁମୋଦନ ହୋଇ ନ ଥିଲା। ୱାର୍ଡମେମ୍ବର ସଞ୍ଜୁଲତା ବାରିକ, ସବିତା ରାଉତ, ସୁକାନ୍ତି ବେହେରା, ସସ୍ମିତା ବେହେରା ଏବଂ ସୁଲୋଚନା ଜେନା ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୩୧।୧:** ବାଲେଶ୍ୱର ଜିଲା ସମାଜ ମଙ୍ଗଳ ଅଧିକାରୀ କୁନ୍ତଳା କୁମାରୀ ପ୍ରଧାନ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ କୁନ୍ତଳା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ସୁବାଷ ନିଆଲଙ୍କ ସମେତ ସିଡିପିଓ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ଏମ୍‌ପିଙ୍କୁ ବଦନାମ କରିବାର ଅପଚେଷ୍ଟା

### ବିରୋଧରେ ଥାନାରେ ଏତଲା

**ବାଲେଶ୍ୱର ଅଫିସ,୩୧।୧**

ବାଲେଶ୍ୱର ଲୋକପ୍ରିୟ ତଥା ଶ୍ରେଷ୍ଠ ସମ୍ମାନରେ ବାରମ୍ବାର ସମ୍ମାନିତ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଲୋକପ୍ରିୟତା ଏବଂ ଲୋକାଭିମୁଖୀ କାମକୁ ସହି ନ ପାରି କିଛି ବ୍ୟକ୍ତି ସୋସିଆଲ ମିଡ଼ିଆରେ ବାରମ୍ବାର ବଦନାମ୍ କରିବାକୁ ଅପଚେଷ୍ଟା ବିରୋଧରେ ଗୁରୁବାର ସନ୍ଧ୍ୟାରେ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସିମନ ଦାସମହାପାତ୍ର ରୂପ୍‌ସା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ରୂପ୍‌ସା ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମର ହରେକୃଷ୍ଣ ଦାସ କିଛିଦିନ ଧରି ସୋସିଆଲ ମିଡ଼ିଆରେ 'ଏମ୍‌ପି ଗିରଫ ହେବେ ଏବଂ ଏମ୍‌ପି ଫେରାର' ଭଳି ପୋଷ୍ଟ କରି ଲୋକମାନଙ୍କୁ ଭ୍ରମିତ କରୁଛି। ଗୋଟିଏ ପଟେ ଏମ୍‌ପି ବୁଧବାର ଶ୍ରେଷ୍ଠ ଏମ୍‌ପି ଭାବେ ଦ୍ୱିତୀୟବାର ପୁରସ୍କୃତ ହୋଇ ବାଲେଶ୍ୱରର ଗର୍ବ ମଣ୍ଡନ କରୁଥିବା ବେଳେ ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଲୋକଙ୍କୁ ଭ୍ରମିତ କରିବା ସହ ଏମ୍‌ପି, ବାଲେଶ୍ୱରବାସୀ ଏବଂ ବିଜୁ ଜନତା ଦଳର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପାଇଁ ଏଭଳି ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ରୂପ୍‌ସା ଥାନା ଅଧିକାରୀ ସୁଚନ୍ଦ୍ର ମହାଲିକଙ୍କୁ ଛାତ୍ର ଜନତା ଦଳର ଟାଉନ ସଭାପତି ବ୍ରଜ କିଶୋର ପ୍ରଧାନ, ଉପସଭାପତି ବିଜୟ କୁମାର ଜେନା, ସଦର ସଭାପତି ଭବାନୀ ପଣ୍ଡା, ସାଧାରଣ ସମ୍ପାଦକ କିରଣ କୁମାର ନାଥ, ପ୍ଲାବନ ଦାସ, ସ୍ୱୟମ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତିରେ ଏତଲା ପ୍ରଦାନ କରାଯାଇଥିବା ସଭାପତି ସିମନ ଦାସମହାପାତ୍ର ଏକ ଲିଖିତ ବିବୃତିରେ ଜଣାଇଛନ୍ତି।


ରୂପ୍‌ସା ଥାନାଧିକାରୀଙ୍କୁ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏତଲା ଦିଆଯାଉଛି।

## ଖଇରାରେ ଗାନ୍ଧୀଙ୍କ ମହାପ୍ରୟାଣ ଦିବସ

**ଖଇରା, ୩୧।୧(ଡି.ଏନ.ଏ.)**

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଖଇରା ଦୁର୍ଗା ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୫ଟା୩୦ରେ ରାମଧ୍ୱନି ସହ ପ୍ରଭାତ ଫେରୀ ୬ଟାରେ ତିଳ ତର୍ପଣ ଓ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୯ଟାରେ ଜାତୀୟ ପତାକାକୁ ଅର୍ଦ୍ଧ ଉତ୍ତୋଳନ ଓ ୯ଟା୩୦ରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାମଧୂନ, ଗୀତା, ଭାଗବତ ଓ ବାଇବେଲ ପାଠ କରାଯାଇଥିଲା। ଅନ୍ତର୍ଯ୍ୟାମୀ ପାତ୍ର, ସନାତନ ବେହେରା, ପରମାନନ୍ଦ ବେଜ, ବୁଦ୍ଧିରାମ ପାଣିଗ୍ରାହୀ, ନରେନ୍ଦ୍ର ଲେଙ୍କାଙ୍କ ଦ୍ୱାରା ଅଖଣ୍ଡ ରାମଧୂନ ଜପ କରାଯାଇଥିଲା। ରମାକାନ୍ତ ସାହୁ, ରାଧାକାନ୍ତ ପାତ୍ର, କରୁଣାକର ମହାନ୍ତି, ଗୟାଧର ସାହୁ, ମାନସ ଜେନା, ମାୟାଧର କୁଅଁରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଦୁର୍ଗାମଣ୍ଡପରେ ରାମଧୂନ ଗାନ କରାଯାଉଛି।

# ବାଲେଶ୍ୱର ଲାୟନ, ଝାଡ଼େଶ୍ୱର ୱାରିୟର୍ସ ବିଜୟୀ

## ■ ହରିଶଙ୍କର, ହାପି ମ୍ୟାନ ଅଫ୍ ଦି ମ୍ୟାଚ୍

**ବାଲେଶ୍ୱର ପ୍ରିମିୟର ଲିଗ୍**

**ବାଲେଶ୍ୱର ଅଫିସ,୩୧।୧**

ବାଲେଶ୍ୱର ପ୍ରିମିୟର ଲିଗ୍ (ବିପିଏଲ)-୧୦ମ ସଂସ୍କରଣର ଦ୍ୱିତୀୟ ଦିବସ ଗୁରୁବାର ପ୍ରଥମ ମ୍ୟାଚ୍‌ଟି ବାଣେଶ୍ୱର ୱାରିୟର୍ସ ଓ ବାଲେଶ୍ୱର ଲାୟନ ଏବଂ ଦ୍ୱିତୀୟ ମ୍ୟାଚ୍‌ଟି ରେମୁଣା ଜାଗୁଆର ଏବଂ ଝାଡ଼େଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଲାୟନ ଓ ଝାଡ଼େଶ୍ୱର ୱାରିୟର୍ସ ବିଜୟୀ ହୋଇଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା ଖେଳାଳି ହରିଶଙ୍କର ଓ ହାପିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଛି।

ପ୍ରଥମ ମ୍ୟାଚ୍‌ଟି ବାଣେଶ୍ୱର ୱାରିୟର୍ସ ଏବଂ ବାଲେଶ୍ୱର ଲାୟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଣେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ବିନିମୟରେ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଲାୟନ ୧୮.୫ ଓଭରରେ ୩ଟି ଉଇକେଟ୍‌ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ହରିଶଙ୍କର ଘୋଷ ୩ଟି ଉଇକେଟ୍ ସହ ୨୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ରେମୁଣା ଜାଗୁଆର ଏବଂ ଝାଡ଼େଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ରେମୁଣା ଟସ୍ ଜିତି ଝାଡ଼େଶ୍ୱରକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ଝାଡ଼େଶ୍ୱର ସମସ୍ତ ୨୦ ଓଭର୍ ଖେଳି ୮ ଉଇକେଟ୍ ହରାଇ ୧୩୭ ରନ୍ କରିଥିଲା। ଜବାବରେ ରେମୁଣା ସମସ୍ତ ୨୦ ଓଭର୍ ଖେଳିଥିଲେ ମଧ ୭ଉଇକେଟ୍ ହରାଇ ୧୨୮ ରନ୍ କରିଥିଲା। ଫଳରେ ୯ ରନ୍‌ରେ ପରାଜୟ ବରଣ କରିଛି। ଝାଡ଼େଶ୍ୱର ଦଳର ହାପି ମହାପାତ୍ର ସର୍ବାଧିକ ୬୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହାକୁ ନୀଳମାଧବ ବିଶ୍ୱାଳ, ରାଜେଶ ମହାପାତ୍ର ଓ ସଂଗ୍ରାମ ପଣ୍ଡା ପରିଚାଳନା କରିଥିବା ବେଳେ ରଶ୍ମିରଞ୍ଜନ ପ୍ରଧାନ ସ୍କୋରର ଦାୟିତ୍ୱ ନେଇଥିଲେ। ସୂଚନା ଯେ, ଶୁକ୍ରବାର ପ୍ରଥମ ମ୍ୟାଚ୍‌ଟି ପଲ୍ଲଭି ରାଇଡ଼ର୍ସ ଓ ବାଣେଶ୍ୱର ୱାରିୟର୍ସ ଏବଂ ଦ୍ୱିତୀୟ ମ୍ୟାଚ୍‌ଟି ବାଲେଶ୍ୱର ଲାୟନ ଓ ଝାଡ଼େଶ୍ୱର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ଦ୍ୱାରା ହରିଶଙ୍କର ଓ ହାପିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୩ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**ହାଟଡିହୀ, ୩୧।୧(ଡି.ଏନ.ଏ.):** ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ହାଟଡିହୀ ବ୍ଲକ ପଣ୍ଡାପଡ଼ା ଗସ୍ତ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ, ବିଧାୟକ ମାୟାଧର ଯେନା, ଗାୟତ୍ରୀ ସୋରେନ, ଆଇଆଇସି ଦିବ୍ୟକାନ୍ତି ଲାକ୍ରା, ଜିଲାପରିଷଦ ସୁରେନ୍ଦ୍ର ଜେନା, ବିଡିଓ ସୁଶାନ୍ତ ବାରିକ, ଉପାଧକ୍ଷ ନରେନ୍ଦ୍ର ନାୟକ, କୃଷି ଅଧିକାରୀ ଚନ୍ଦ୍ର ମୋହନ ପାତ୍ର ପ୍ରଶାନ୍ତ ସେଠି, ସୁପ୍ରଭା ପ୍ରଧାନ ପ୍ରମୁଖଙ୍କ ସମେତ ବିଭିନ୍ନ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାଳିଆ ଯୋଜନାକୁ କିପରି ସଫଳ କରାଯିବ ଏବଂ ଚାଷୀମାନେ କିପରି ପଣ୍ଡାପଡାର ଚାଷୀ ସମାବେଶକୁ ଯିବେ ସେନେଇ ଆଲୋଚନା ହୋଇଥିଲା।

### ପୁତ୍ରହନ୍ତାଙ୍କୁ ଆଜୀବନ କାରାଦଣ୍ଡ

**ଚମ୍ପୁଆ, ୩୧।୧(ଡି.ଏନ.ଏ.):** ୩ ବର୍ଷର ନିଜ ପୁଅକୁ ହତ୍ୟା କରିଥିବା ଜଣେ ବାପାଙ୍କୁ ଗୁରୁବାର ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଦୋଳଗୋବିନ୍ଦ ବାରିକ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୩୦।୭।୨୦୧୬ରେ ଯୋଡ଼ା ଥାନା ଅନ୍ତଗତ ଅଜାଦ ବସ୍ତି ଗ୍ରାମରେ ପାରିବାରିକ କଳହରୁ ବାପା ଶଙ୍କର କାରୁଆ ଉତକ୍ଷିପ୍ତ ହୋଇ ତାଙ୍କର ସାନପୁଅ ଅନାମଙ୍କୁ ଭୂଇଁରେ କଚାଡି ହତ୍ୟା କରିଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଲିଲି ଯୋଡା ଥାନାରେ ଏତଲା ଦେଇଥିଲେ। ଶଙ୍କରଙ୍କ ବଡପୁଅ କାହ୍ନା ଏବଂ ତାଙ୍କ ସ୍ତ୍ରୀ ଲିଲିରଙ୍କ ସହ ୧୩ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ ଏହି ରାୟ ଦେଇଛନ୍ତି। ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦୟ ହେଲେ ଆଉ ୬ ମାସ କରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ରହିଛି। ଏହି କେସକୁ ସରକାରୀ ଓକିଲ ମଧୁସୁଦନ ପତି ପରିଚାଳନା କରିଥିଲେ।

### ୫ ବଖରା ପୋଡ଼ିଗଲା

**ହାଟଡିହୀ, ୩୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଡ଼ରମ୍ପାସ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ପୋଡ଼ି ହୋଇଯାଇଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡିନି। ନିଆଁ ଲିଭାଇବାକୁ ଯାଇ ଝୁନୁ ଜେନା ନାମକ ଜଣେ ମହିଳା ଆହତ ହୋଇଛନ୍ତି। ରବୀନ୍ଦ୍ର ଜେନା, କବିନ୍ଦ୍ର ଜେନା, ବିଶ୍ୱନାଥ ଜେନା, ଅପୂର୍ବ ଜେନା ପ୍ରମୁଖଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ହାଟଡିହୀ ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### 'ହୋ ଭାଷାକୁ ସମ୍ବିଧାନିକ ମାନ୍ୟତା ଦିଅ'

**ହାଟଡିହୀ, ୩୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନ ହୋ ସମାଜ କମିଟି ତରଫରୁ ଗୁରୁବାର ବିଡିଓ ସୁଶାନ୍ତ ବାରିକଙ୍କୁ ଦାବିପତ୍ର ଦିଆଯାଇଛି। ହୋ ଭାଷାକୁ ଦ୍ୱିତୀୟ ଭାଷାର ସମ୍ବିଧାନିକ ମାନ୍ୟତା ଦାବିରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦଶ ଦଫା ଦାବି ନେଇ ବିକ୍ଷୋଭକାରୀ ସ୍ଲୋଗାନ ଦେଇ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନନ୍ଦିପଦା ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ଥିଲେ।

### କାଠ ବୋଝେଇ ଗାଡ଼ି ଜବତ

**ଚମ୍ପୁଆ, ୩୧।୧(ଡି.ଏନ.ଏ.):** ଚମ୍ପୁଆ ରେଞ୍ଜ ଅର୍ନ୍ତଗତ ବାମେବରୀରେ ଗୁରୁବାର ଏକ କାଠବୋଝେଇ ଗାଡିକୁ ବନ ବିଭାଗ ଜବତ କରିଛି। ଯୋଡ଼ା ଅଞ୍ଚଳରୁ ଶାଳ ଓ ଅଶନ କାଠ ବୋଝେଇ ହୋଇ ଏକ ପିକଅପ ନଂ ଓଆର୪ଜି୭୨୭୩ରେ ଯାଉଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ହାବୁଡରେ ପଡିଥିଲା। ଫରେଷ୍ଟ ଗାର୍ଡ ହୃଷିକେଶ ପାତ୍ର ତୁରନ୍ତ ରେଞ୍ଜ ଅଧିକାରୀ ଘନଶ୍ୟାମ ବାରିକଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ଦୀପକ ସ୍ୱାଇଁ ଓ ସ୍କାଡ ଦ୍ୱାରା ଗାଡିକୁ ଅଟକାଇବାରୁ ଡ୍ରାଇଭର ଗାଡି ଛାଡି ପଳାଇଥିଲା। ଅନୁମାନିକ ୨୦ ହଜାର ଟଙ୍କାର କାଠ ରହିଥିବା କୁହାଯାଉଛି।

# ଜଙ୍ଗଲ ଜମିରୁ ହଟ୍‌ମିକ୍ସ ପ୍ଲାଣ୍ଟ ହଟିଲା

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

ଜଙ୍ଗଲ କିସମ ଜମିରେ ବିନା ଅନୁମତିରେ ପ୍ରତିଷ୍ଠା ହୋଇଥିବା ଏକ ହଟମିକ୍ସ ପ୍ଲାଣ୍ଟ ସ୍ଥାନାନ୍ତର ହୋଇଛି। ସ୍ଥାନୀୟ କେତେକ ଗ୍ରାମବାସୀ କୋଲକାତାସ୍ଥିତ ପୂର୍ବାଞ୍ଚଳ ଜାତୀୟ ସବୁଜ ପ୍ରାଧିକରଣ ଅଧୀନରେ ଅଭିଯୋଗ କରିଥିଲେ। ୪୯ ନମ୍ବର ଜାତୀୟ ରାଜପଥର ଚାରିଲେନ କାର୍ଯ୍ୟ ନେଇଥିବା ମଣ୍ଟେକାର୍ଲୋ କମ୍ପାନୀର ବାୟାପଣ୍ଡାଦରସ୍ଥିତ ରାଜସ୍ୱ ବିଭାଗ ଅଧୀନରେ ଉକ୍ତ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଥିଲା। ଅଭିଯୋଗକୁ ଆଧାର କରି ଗ୍ରୀନ ଟ୍ରିବ୍ୟୁନାଲରେ ୩୮/୨୦୧୮ରେ ମାମଲା ରୁଜୁ ହୋଇଥିଲା। ଏନଜିଟିର ଜଷ୍ଟିସ୍ ଏସ.ପି. ୱାଙ୍ଗଡି ଓ ଡକ୍ଟର ନାଗିନ ନନ୍ଦାଙ୍କ ଦ୍ୱାରା ଗଠିତ ବେଞ୍ଚ ଉକ୍ତ ମାମଲାର ଶୁଣାଣି କରି ୧ ମାସ ମଧ୍ୟରେ ରାଜସ୍ୱ ଜଙ୍ଗଲ କମିରୁ ହଟମିକ୍ସ ପ୍ଲାଣ୍ଟ ସ୍ଥାନାନ୍ତର କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ପରେ ବାଂଶପାଳ ତହସିଲଦାର ୧ ମାସ ମଧ୍ୟରେ ଉକ୍ତ ସ୍ଥାନରୁ ପ୍ଲାଣ୍ଟ ହଟାଇବାକୁ ମଣ୍ଟେକାର୍ଲୋ କମ୍ପାନୀକୁ ଚିଠି ନମ୍ବର ୫୦/୮ ଜାନୁୟାରୀ ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଜିଟିର ନିର୍ଦ୍ଦେଶ ପରେ ବାୟାପଣ୍ଡାଦର ମୌଜାର ପ୍ଲଟ ନଂ ୧୯୮, ଖାତା ନଂ ୧୨୩ରୁ ମଣ୍ଟେକାର୍ଲୋ ଠିକା ସଂସ୍ଥା ପ୍ରତିଷ୍ଠା କରିଥିବା ହଟମିକ୍ସ ପ୍ଲାଣ୍ଟ ହଟାଇ ନେଇ ସ୍ଥାନାନ୍ତରିତ କରିଥିବା ତହସିଲ ପକ୍ଷରୁ ଜଣାପଡିଛି। ଅନିୟମିତତା ନେଇ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମାମଲା ଏନ୍‌ଜିଟିକୁ ଯାଇଥିଲା।



ସ୍ଥାନାନ୍ତରିତ ହୋଇଥିବା ପ୍ଲାଣ୍ଟ।

**କମ୍ପାନୀକୁ ଏନ୍‌ଜିଟି ଝଟକା**

■ ଚାଉଳ ବଣ୍ଟନରେ ଅନିୟମିତତା

# ବିରୋଧ ଯୋଗୁ ହୋଇପାରିଲାନି ତଦନ୍ତ

**ତେଲକୋଇ, ୩୧।୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତ ମୁଖ୍ୟାଳୟରେ ପିଡିଏସ ଚାଉଳ ସମେତ ଗହମ, କିରୋସିନ ବଣ୍ଟନରେ ଅନିୟମିତତା ହୋଇଥିବା ହିତାଧିକାରୀ ବିଡିଓ ଓ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମାପ ଓଜନ ସହିତ ହିତାଧିକାରୀଙ୍କୁ କମ ଚାଉଳ ଦିଆଯିବାର ତଦନ୍ତ ପାଇଁ ବିଡିଓ ବ୍ଲକ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ ପିଏ ନରହରି ପ୍ରଧାନଙ୍କୁ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ପଠାଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ରିଙ୍କି ନାଏକ ସହ କେତେକ ଲୋକ ବିରୋଧ କରିଥିଲେ। ଏ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ହିତାଧିକାରୀ ତଦନ୍ତକାରୀଙ୍କୁ ସମର୍ଥନ କରିଥିଲେ। ସରପଞ୍ଚ ଏବଂ ତାଙ୍କ ସମର୍ଥକ ତଦନ୍ତକାରୀ ଅଧିକାରୀଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ବିରୋଧ ଯୋଗୁଁ ତଦନ୍ତ ହୋଇପାରି ନ ଥିବା ଜଣାଯାଇଛି। ସରପଞ୍ଚ ଓ ତାଙ୍କ ସମର୍ଥକ ଠେଲାପେଲା କରିବା ସହ ତଦନ୍ତକୁ ବିରୋଧ କରିଥିଲେ। ଆମେ ଫେରି ଆସିଲୁ ବୋଲି ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ କହିଛନ୍ତି। ଏ ବିଡିଓ ଦିଲ୍ଲିପ କୁମାର ବାରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇବା ସହ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଚମ୍ପୁଆରେ ଗଡ଼ିଲା ମିଶନଶକ୍ତି ରଥ



ମିଶନ ଶକ୍ତି ରଥକୁ ଉଦ୍‌ଘାଟନ କରାଯାଉଛି।

**ଚମ୍ପୁଆ, ୩୧।୧(ଡି.ଏନ.ଏ.)**

ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟରେ ଗୁରୁବାର ମିଶନ ଶକ୍ତି ରଥର ଉଦ୍‌ଘାଟନ କରାଯାଇଛି। ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ ଆନୁଷ୍ଠାନିକ ଭାବେ ପତାକା ହଲାଇ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ମହିଳା ସଶକ୍ତିକରଣ ଓ ସୟଂସହାୟକ ଗୋଷ୍ଠୀଙ୍କୁ ସଚେତନ କରିବା ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚମ୍ପୁଆ ବିଡିଓ ନୂପୁର ଚାନ୍ଦଗୋଟିଆ, ସିଡିପିଓ ସୀତା ମୁର୍ମୁ, ଏବିଡିଓ ଶରତଚନ୍ଦ୍ର ବାରିକ, ବିପିସି ତ୍ରୈଲକ୍ୟ ମହ୍ଲା ପ୍ରମୁଖ ଯୋଗ ଦେଇଥିଲେ। ଗାଁ ବୁଲି ଏହି ରଥ ସଚେତନ କରିବ ବୋଲି ଜଣାଯାଇଛି। ଚମ୍ପୁଆ ବ୍ଲକର ୭୮୭ ନୂତନ ସୟଂସହାୟକ ଗୋଷ୍ଠୀ ଓ ୯୪୩ ଗୋଟି ପୁରୁଣା ସୟଂସହାୟକ ଗୋଷ୍ଠୀଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିବ ବୋଲି ସିଡିପିଓ ସୂଚନା ଦେଇଛନ୍ତି।

# 'ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଅ'



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ଝୁମ୍ପୁରା, ୩୧।୧(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ପଞ୍ଚାୟତ ୱାର୍ଡ ନଂ ୯ ଏବଂ ୧୨ରେ ବସବାସ କରୁଥିବା ପଞ୍ଚାୟତ ବାସିନ୍ଦା ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ହୋଇଛନ୍ତି। ସେମାନେ ଅନ୍ଧାରରେ ରହି ଆସୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଗତବର୍ଷ ସରକାରୀ ଯୋଜନାରେ ଦୁଇ ୱାର୍ଡକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ଖୁଣ୍ଟ ପୋତା ଯାଇଥିଲା। ତାର ଟଣା ଯାଇଥିଲା। ଘର ଗୁଡିକର ୱାରିଂ କାମ ମଧ୍ୟ ଶେଷ ହୋଇଛି। ୩ ମାସ ବିତି ଗଲାଣି। ବାରମ୍ବାର ନେସ୍କୋ ଯନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇନି। ଏ ନେଇ ଗ୍ରାମବାସୀ କଳ୍ପନା ନାଏକ, ନନ୍ଦିନୀ ନାଏକ, ରାନୀ ନାଏକ, ରତନୀ ନାଏକ, ସୁଦେବୀ ନାଏକ, ଲକ୍ଷ୍ମୀ ନାଏକ, ତିରୋଳା ନାଏକ, ବିତିନୀ ନାଏକ, ଚେମେଦି ନାଏକ ପ୍ରମୁଖ ଲିଖିତ ଅଭିଯୋଗ ନେଇ ଗୁରୁବାର ଝୁମ୍ପୁରା ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରିମିଳି ନେସ୍କୋ ଯନ୍ତ୍ରୀ ଡି ମୁର୍ମୁଙ୍କୁ ପଚାରିବାରୁ ବାଲିବନ୍ଧର ବିଦ୍ୟୁତ୍ ଚାର୍ଜ ହେବା ଜାଗା ନିକଟରେ ୨ ଜଣଙ୍କର ପଟ୍ଟାଭୂକ୍ତ ଜମି ରହିଛି। ସେଥିପାଇଁ ୨୦ରୁ ୩୦ ମିଟର ଭିତରେ ବିରୋଧ ହେବାରୁ ତାର ଟଣା ଯାଇ ପାରୁନାହିଁ ବୋଲି ସେ କହିଛନ୍ତି। ଏ ଦିଗରେ ପଦକ୍ଷେପ ନେବେ ବୋଲି ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା କହିଛନ୍ତି।

## ୧ରୁ ପୌରାଞ୍ଚଳରେ ବୁଲିବ ବର୍ଜ୍ୟବସ୍ତୁ ସଂଗ୍ରହ ଯାନ

**ବଡ଼ବିଲ, ୩୧।୧(ସ୍ୱ.ପ୍ର.)**

ବଡ଼ବିଲ ପୌରପାଳିକାରେ ୧ରୁ ଗୃହକୁ ଗୃହ ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ୫ ଚାରି ଚକିଆ ଯାନ ଉଦଘାଟିତ ହୋଇଛି। ପୌର କାର୍ଯ୍ୟାଳୟ ପରିସରରେ ଥିବା ଯାନ ଗୁଡିକର ଫିତା କାଟି ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ ଉଦଘାଟନ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ପରିମଳ ନିରୀକ୍ଷକ ଅକ୍ଷୟ କୁମାର ବିଶ୍ୱାଳ, ପୌର ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୌରମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ମହାନ୍ତ ଏବଂ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# ଶିଶୁ ଶିବିରରେ ୨୧୦ ଶିଶୁ



କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର।

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ରୂପାଲି ପଟ୍ଟନାଏକ ଓ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ଶିଶୁ ଶିବିରରେ ଶିଶୁ ପ୍ରାରମ୍ଭ ଓ ଶିଶୁବୋଧ ବିଭାଗର ୨୧୦ ଶିଶୁମାନେ ଅଂଶ ଗ୍ରହଣ କରିଥିଲେ। ଶିଶୁଙ୍କ ଦ୍ୱାରା ବିଭିନ୍ନ ପ୍ରଦର୍ଶନୀ ଯଥା କୁମ୍ଭାରଶାଳ, ଦରଜି ଦୋକାନ, ବହି ଦୋକାନ, କୃଷକ, ପୂଜାଘର, ପୂଜାସାମଗ୍ରୀ ଦୋକାନ, ଡାକଘର, ଆଦର୍ଶ ଘର, ପରିବା ଦୋକାନ, ବଢେଇଶାଳ, ଥାନା, ଟ୍ରାଫିକ୍ ପୋଷ୍ଟ, କମାରଶାଳ, ଡାକ୍ତରଖାନା, ସ୍ୱଦେଶୀ ବଜାର ଆଦି ପ୍ରସ୍ତୁତ କରିଥିଲେ। ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ପ୍ରଶ୍ନମଞ୍ଚ, କ୍ରିୟାଅନୁଭୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଉକ୍ତ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ ଅତିଥିଙ୍କ ପରିଚୟ ଦେଇଥିଲେ। ଆଚାର୍ଯ୍ୟ ପ୍ରଦୀପ ଦାସ, ବିରଞ୍ଚି ନାରାୟଣ ମହାନ୍ତ, ବିଜୟ କୁମାର ବାରିକ ଓ ଆଚାର୍ଯ୍ୟା ମନସ୍ୱିନୀ ଦାଶ, ପୁଷ୍ପାଞ୍ଜଳି ସାହୁ, ଜ୍ୟୋତିରାଣୀ ପଣ୍ଡା, ସୁଜାତା ମିଶ୍ର ଓ ଆରତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁଖ୍ୟ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଡବିଲ, ୩୧।୧(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ଜେଏମ୍‌ଏଫସି କୋର୍ଟ ମୁଖ୍ୟ କିରାଣି ଅଶୋକ କୁମାର ଦାସଙ୍କୁ ଗୁରୁବାର ସନ୍ଧ୍ୟାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ବଡବିଲ ଜେଏମ୍‌ଏଫସି ଆଲୋକ ପଣ୍ଡା ଅଧକ୍ଷତା କରିଥିଲେ। ବରିଷ୍ଠ କିରାଣି ଅକ୍ଷୟ ଦାଶ ପରିଚାଳନା କରିଥିଲେ। ଫୁଲତୋଡା ଓ ଉପଢୌକନ ଆଦି ଦେଇ ଅଶୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକଙ୍କ ଅବସର ପରେ ବରିଷ୍ଠ କୋର୍ଟ କର୍ମଚାରୀ କଳ୍ପନା ମହାନ୍ତ ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାପଡିଛି।

ଅନ୍ୟମାନଙ୍କ ମଧ୍ୟରେ ପେସ୍କାର ଆଲୋକ ଦାଶ, ନାଜୀର ଅସିତ ମହାନ୍ତ, କାମୋଦ ବାଘ, ବିଜୟ ବେହେରା, ଶିବ ପ୍ରସାଦ ଛୁଆଳସିଂହ, କୃତିବାସ ଜେନା, ଅବିନାଶ ସେଠୀ, ମାନସ ରଞ୍ଜନ ନାଏକ, ବଳରାମ ନାଏକ, ଅନିରୁଦ୍ଧ ପଣ୍ଡା, ସଞ୍ଜୟ ସାହୁ ଏବଂ ପପୁନ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



ମୁଖ୍ୟ କିରାଣିଙ୍କୁ କୋର୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

## ମିଳିତ ଅଭିଯୋଗ ଶୁଣାଣି

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

ଫେବୃୟାରୀ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ୪ରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ୧୧ରେ ବାଂଶପାଳ ବ୍ଲକ କାର୍ଯ୍ୟାଳୟ, ୧୮ରେ ତେଲକୋଇ ବ୍ଲକ କାର୍ଯ୍ୟାଳୟ, ୨୫ରେ ସାହାରପଡା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ଜିଲାର ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଛାତ୍ରୀଙ୍କ ସଡ଼କ ସୁରକ୍ଷା ସଚେତନତା

**ଚମ୍ପୁଆ, ୩୧।୧(ଡି.ଏନ.ଏ.)**

ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସବଇନ୍ସପେକ୍ଟର ସରୂପ ନାଏକ, ସମ୍ମାନିତ ଅତିଥି କୁମୁଦିନୀ ପରିଡ଼ା, ଖବରଦାତା ସଞ୍ଜୀବ କୁମାର ରାଜ, ମହେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ବଢୁଥିବା ସଡ଼କ ଦୁର୍ଘଟଣା ରୋକିବା ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଥିବା ମତ ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଚମ୍ପୁଆ ସହର ପରିକ୍ରମା କରିଥିଲା।





ଛାତ୍ରୀମାନେ ସଚେତନତା ରାଲିରେ ଯାଉଛନ୍ତି।

# ଖାଇବା ପାଇଁ ଜମେ ଭିଡ଼

**ବୁଡୁରୁ କାଲା ହୋଟେଲ**

■ ମିଳେ ସୁସ୍ୱାଦୁ ଖାସି ମାଂସ
■ କମ୍ ଦାମରେ ମିଳେ ଖାଦ୍ୟ

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**

କେନ୍ଦୁଝର ସହର ଜୁଡିଆ ନିକଟ ବୈଦରାଜପୁର ସାହି ଛକରେ ଥିବା ବୁଡୁରୁ କାଲା ହୋଟେଲରେ ଖାଇବା ପାଇଁ ସମସ୍ତେ ପସନ୍ଦ କରନ୍ତି। ସୁସ୍ୱାଦୁ ଖାସି ମାଂସ ଓ ଭାତ ମିଲ୍ ପାଇଁ ପରିଚିତ ରହିଛି। ଜିଲା ଓ ଜିଲା ବାହାର ଲୋକ ଏଠାକୁ ଆସି ଖାଇଥାନ୍ତି ବୋଲି ହୋଟଲର ମାଲିକ ରାଜ କିଶୋର ନାୟକ କହିଛନ୍ତି। ରାଜ କିଶୋରଙ୍କ ବୟସ ୬୨ ହେବ। ତାଙ୍କ ଘର ସ୍ଥାନୀୟ ପୁରୁଣା ସହର ବୈଦରାଜପୁର ସାହିରେ। ହୋଟେଲର ନାମକୁ ନେଇ ସମସ୍ତେ ଆଲୋଚନା କରିଥାନ୍ତି। ପିଲାଦିନରେ ବାପା ସ୍ନେହରେ ତାଙ୍କୁ ବୁଡୁରୁ ଡାକୁଥିଲେ। ସେହି ଡାକ ନାମରେ ବୁଡୁରୁ ବୋଲି ସମସ୍ତେ ଜାଣନ୍ତି। ତାଙ୍କର ଗୋଟିଏ କାନକୁ କମ ଶୁଭେ। ସମସ୍ତେ ସ୍ନେହରେ ବୁଡୁରୁ କାଲା ବୋଲି ଡାକନ୍ତି। ଏହି ନାମରେ ତାଙ୍କ ହୋଟେଲ ସବୁଠି ପରିଚିତ ହୋଇଯାଇଛି।



ହୋଟେଲ ମଧ୍ୟରେ ରାଜକିଶୋର।

ଦିନେ ସେ ଚାଉଳ ବ୍ୟବସାୟ କରୁଥିଲେ। ସାନ ପୁଅ ଜନ୍ମ ହେବା ପରେ ଏକ ଜଳଖିଆ ଦୋକାନ ଉକ୍ତ ସ୍ଥାନରେ କରି ପରିବାର ଚଳାଉଥିଲେ। ତାଙ୍କ ସ୍ତ୍ରୀ ବିରି ବାଟିବା କାମ କରୁଥିଲେ। ୨ ପୁଅକୁ ନେଇ ପରିବାର ଚଳାଉଥିଲେ। ୧୫ ବର୍ଷ ଜଳଖିଆ ଦୋକାନ କରିବା ପରେ ତାଙ୍କର ଜଣେ ଭଣଜାଙ୍କ ପରାମର୍ଶରେ ଏହି ହୋଟେଲ କରିଥିଲେ। ପ୍ରଥମେ ଖାସି ମାଂସର ଭାତ ମିଲ୍ ଆରମ୍ଭ କଲେ। ବହୁ ଲୋକାଦୃତ ହେଲା। ଏହାର କଳେବର ବୃଦ୍ଧି ପାଇବାରେ ଲାଗିଲା। ୪୦ ଟଙ୍କାର ଖାସି ମାଂସ ମିଲ ଏବେ ୧୩୦ ଟଙ୍କାରେ ପହଞ୍ଚିଲାଣି। ତଥାପି କମ ଦାମରେ ଏଭଳି ସୁସ୍ୱାଦୁ ମିଲ ଖାଇବାକୁ ଭିଡ଼ ଜମେ। ରାଜକିଶୋର କୁହନ୍ତି ଯେ, ପଇସା ନୁହେଁ, ଶାନ୍ତିରେ ଲୋକଙ୍କୁ ଖାଇବା ଦେବା ମୂଳ ଉଦ୍ଦେଶ୍ୟ। ୨ ପୁଅ ମିତ ଓ ସସ୍ମିତ ସହାୟତା କରିଥାନ୍ତି। ୧୨ ଜଣ ଯୁବକଙ୍କୁ ହୋଟେଲରେ କର୍ମ ନିଯୁକ୍ତି ଦିଆଯାଇଛି। ବାପା ପରିବହନ ବିଭାଗରେ ଡ୍ରାଇଭର ଥିଲେ। ପରିଶ୍ରମ କରି ପରିବାର ଚଳାଇବା ଆଶା ରଖି ଉକ୍ତ ହୋଟେଲ ଚଳାଇଥିଲେ। ଚାଳିଆ ହୋଟେଲରେ ଏକାଥରକେ ୭୦ ଜଣ ଲୋକ ଖାଇବା ଭଳି ବ୍ୟବସ୍ଥା ରହିଛି। ଦୈନିକ ପାଖାପାଖି ୫୦୦ ଲୋକ କେବଳ ଦିନବେଳା ଖାଇଥାନ୍ତି। ଭାତ ମାଂସ ବ୍ୟତୀତ ଲୋକଙ୍କ ଆଗ୍ରହକୁ ଦେଖି ମାଛ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ୫୦୦ ଟଙ୍କାରେ ଆରମ୍ଭ କରିଥିବା ଦୋକାନ ଏବେ ଦୈନିକ ପାଖାପାଖି ୬ ହଜାରରୁ ଅଧିକ ବ୍ୟବସାୟ ହେଉଛି।